# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 28 February - 2026

*********************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଏଚ୍.ପି.ଭି. ଟୀକାକରଣ ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

– କନ୍ୟାମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ; କହିଲେ ମୁଖ୍ୟମନ୍ତ୍ରୀ

- ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଡକ୍ଟର ସନ୍ତୃପ୍ତ ମିଶ୍ର ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମ ଘୋଷଣା

- ଆକାଶମାର୍ଗରୁ ହୀରାକୁଦ ଓ ମହାନଦୀ ଅବବାହିକାର ସ୍ଥିତି ଅନୁଧ୍ୟାନ କଲେ ମହାନଦୀ ଜଳ ବିବାଦ ପ୍ରାଧିକରଣ ସଦସ୍ୟ

ଏବଂ

- ଆଗାମୀ ଦିନରେ ଅପରେସନ୍ ସାଇବର କବଚକୁ ଆହୁରି କଡ଼ାକଡ଼ି କରାଯିବା ନେଇ ଓଡ଼ିଶା ପୁଲିସର ସୂଚନା

English Pool/BBSR/R

# ପିଏମ୍-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାପିଲୋମା ଭାଇରସ୍ - HPV ଟିକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ୧୪ ବର୍ଷ ବୟସର କନ୍ୟାଙ୍କୁ ଏହି ଟିକାକରଣ ମାଧ୍ୟମରେ ଭବିଷ୍ୟତର ଗର୍ଭାଶୟ କର୍କଟ ରୋଗକୁ ପ୍ରତିହତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ରାଜସ୍ଥାନର ଆଜମେରଠାରେ ଏହି ଅଭିଯାନର ଶୁଭାରମ୍ଭ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ମହିଳା ସଶକ୍ତିକରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମହିଳାମାନଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସୁରକ୍ଷାକୁ ଏହା ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

**V/O (PM)**

BBSR/R

# ଏଚ୍‌ପିଭି-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର କୃଷି ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଟୀକାକରଣ ଅଭିଯାନ ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ,

ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବାର ମହତ୍ ଉଦ୍ଦେଶ୍ୟ। ହ୍ୟୁମାନ୍ ପାପିଲୋମା ଭାଇରସ୍ ପାଇଁ ଏହି ଟୀକା କନ୍ୟାମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ମୁଖ୍ୟମନ୍ତ୍ରୀ କହିଛନ୍ତି, କର୍କଟ ରୋଗର ମୁକାବିଲା ପାଇଁ ରାଜ୍ୟ ସରକାର ୨୦୨୬-୨୭ ବଜେଟ୍‌ରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା କାର୍ଯ୍ୟକ୍ରମ ଆରମ୍ଭ ପାଇଁ ଘୋଷଣା କରିଛନ୍ତି। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଭାବେ ୧୨୧ଟି କର୍କଟ ଚିକିତ୍ସା ପାଇଁ ପ୍ୟାକେଜ ମଧ୍ୟ କରାଯାଇଛି। ଏହି ଅଭିଯାନରେ ରାଜ୍ୟର ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ୩ ଲକ୍ଷ ୩୬ ହଜାର କିଶୋରୀଙ୍କ ଟୀକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟୀକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ।

ମୁଖ୍ୟମନ୍ତ୍ରୀ ଏହି ପରିପ୍ରେକ୍ଷୀରେ ୨୮ଟି ନୂତନ ୧୦୮ ଆମ୍ବୁଲାନ୍ସ ସେବାର ମଧ୍ୟ ଲୋକାର୍ପଣ କରିଥିଲେ। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୪୦୦ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଯାଇଛି।

BBSR/R

## ମୁଖ୍ୟମନ୍ତ୍ରୀ-ବିକାଶ ମନ୍ଥନ

ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ଓ ପୁଞ୍ଜିନିବେଶ ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ 'ବିକାଶ ମନ୍ଥନ ଓ୍ୱାନ ପଏଣ୍ଟ ଓ ଇନ୍ ଆକ୍ସନ' କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି, ସରକାର ଭବିଷ୍ୟତକୁ ଦୃଷ୍ଟିରେ ରଖି ବିକାଶର ରୂପରେଖ ପ୍ରସ୍ତୁତ କରୁଛନ୍ତି। ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ବିକଶିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍' ରାଜ୍ୟ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

HS

## ପ୍ରଧାନମନ୍ତ୍ରୀ- ଧନ୍ୟବାଦ

ଭଞ୍ଜପୁର–ପୁରୀ ସ୍ୱତନ୍ତ୍ର ଟ୍ରେନ୍‌ର ସ୍ଥାୟୀକରଣକୁ ଅନୁମୋଦନ ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓଡ଼ିଶାରେ ରେଳ ସଂଯୋଗକୁ ଅଧିକ ସୁଦୃଢ଼ କରିବ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଜନସାଧାରଣ ଭୁବନେଶ୍ୱର ଏବଂ  ପୁରୀ ସହିତ ଉନ୍ନତ ଯାତାୟତ ସୁବିଧା ପାଇପାରିବେ। ଗତିଶୀଳତା, ପର୍ଯ୍ୟଟନ ଓ ଆଞ୍ଚଳିକ ଉନ୍ନତିକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

English Pool/BBSR/R

# ପିଏମ୍–ରାଜସ୍ଥାନ

ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାପିଲୋମା ଭାଇରସ୍ - HPV ଟିକାକରଣ ଅଭିଯାନର ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଛନ୍ତି । ୧୪ ବର୍ଷ ବୟସର କନ୍ୟାଙ୍କୁ ଏହି ଟିକାକରଣ ମାଧ୍ୟମରେ ଭବିଷ୍ୟତର ଗର୍ଭାଶୟ କର୍କଟ ରୋଗକୁ ପ୍ରତିହତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ରାଜସ୍ଥାନର ଆଜମେରଠାରେ ଏହି ଅଭିଯାନର ଶୁଭାରମ୍ଭ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ମହିଳା ସଶକ୍ତିକରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମହିଳାମାନଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସୁରକ୍ଷାକୁ ଏହା ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ଦେଶବ୍ୟାପୀ ମହିଳା ସଶକ୍ତିକରଣ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM)**

ରାଜସ୍ଥାନକୁ ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ୧୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଟିକାକରଣ ପରେ ଶ୍ରୀ ମୋଦୀ ପିଲାମାନଙ୍କ ସହ ମତ ବିନିମୟ କରିଛନ୍ତି ।

ଭୁବନେଶ୍ୱର କୃଷି ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏଚ୍.ପି.ଭି. ଟୀକାକରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି।

**- V/O -**

ଆଗାମୀ ୩ ମାସ ମଧ୍ୟରେ ଟୀକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ମାସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଟୀକା ଦିଆଯିବ। ପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଟୀକା ପ୍ରଦାନ କରାଯିବ। ଟୀକାକରଣକୁ ଅଧିକ ସରଳ, ସହଜ କରିବା ନିମନ୍ତେ **'ୟୁ ୱିନ୍ ପୋର୍ଟାଲ'** ସହିତ ପ୍ରଯୁକ୍ତିବିଦ୍ୟା ଭିତ୍ତିକ କରାଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ଶିକ୍ଷକ, ଅଭିଭାବକ, ଗ୍ରାମ ଓ ପଞ୍ଚାୟତିସ୍ତରୀୟ ନେତୃବୃନ୍ଦ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୮ଟି ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

Sambalpur

## ମହାନଦୀ ଜଳ ବିବାଦ

କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଜଳ ବିବାଦ ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ ତ୍ରିବେ୍ଦୀ ଏବଂ ସଦସ୍ୟମାନେ ଆଜି ଆକାଶମାର୍ଗରୁ ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ଅବବାହିକାର ଅନୁଧ୍ୟାନ କରିଛନ୍ତି। ଗତକାଲି ପ୍ରାଧିକରଣର ସଦସ୍ୟମାନେ ହୀରାକୁଦ ବନ୍ଧ ଗସ୍ତ କରି ବାମପାର୍ଶ୍ୱର ସ୍ପିଲ୍‌ୱେ, ପାୱାରହାଉସ୍, କମାଣ୍ଡ ଅଞ୍ଚଳ ଓ ବରଗଡ଼ କେନାଲ ପରିଦର୍ଶନ କରିଥିଲେ। ସର୍ଭେ ପରେ ଟ୍ରିବ୍ୟୁନାଲ ସଦସ୍ୟ ଭୁବନେଶ୍ୱର ଗସ୍ତ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

I&PR

## ଧର୍ମେନ୍ଦ୍ର ପ୍ରଧାନ– ଶିଳ୍ପ

ଅନୁଗୁଳ ଜିଲ୍ଲାରେ ଶିଳ୍ପ ସହିତ କୃଷି ଓ ପର୍ଯ୍ୟଟନ ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲା ବାଣିଜ୍ୟ ଶିଳ୍ପ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ରାଜ୍ୟର ଶିଳ୍ପ ସମୃଦ୍ଧିକୁ ଏକ ନୂତନ ଶିଖରରେ ପହଁଞ୍ଚାଇବା ଦିଗରେ ଅନୁଗୁଳ ଜିଲ୍ଲା ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। କୋଇଲା, ଲୁହା,

ଆଲୁମିନିୟମ ଏବଂ ରାସାୟନିକ ଶିଳ୍ପ କ୍ଷେତ୍ରରେ ଏହି ଜିଲ୍ଲା ରାଜ୍ୟ ତଥା ଦେଶକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛି । ସ୍ଥାନୀୟ ଯୁବପିଢ଼ିଙ୍କୁ କେବଳ ଚାକିରି ପଛରେ ନଯାଇ ନିଜେ ମାଲିକ ବା ୱେଲ୍‌ଥ କ୍ରିଏଟର ହେବା ପାଇଁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

I&PR

## ସାଇବର ଅପରେସନ୍

ରାଜ୍ୟରେ ସାଇବର ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଅପରେସନ୍ ସାଇବର କବଚ ଜାରି ରହିଛି । ଏହି ଅଭିଯାନରେ ଏ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୨୧ ହଜାର ୧୬୨ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ସହ ୨୭୩ ଜଣଙ୍କୁ ଗିରଫ କରାଯାଇଛି । ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୁଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ । ସାଇବର ଅପରାଧମୁକ୍ତ ରାଜ୍ୟ ଗଠନ ପାଇଁ ଏହି

ଅଭିଯାନକୁ ଆଗାମୀ ଦିନରେ ଆହୁରି କଡ଼ାକଡ଼ି କରାଯିବ ବୋଲି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କହିଛନ୍ତି ।

Desk

## ଜାତୀୟ ବିଜ୍ଞାନ ଦିବସ

ଜାତୀୟ ବିଜ୍ଞାନ ଦିବସ ଆଜି ପାଳନ କରାଯାଉଛି । ପ୍ରଖ୍ୟାତ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା ଫେବୃଆରୀ ୨୮, ୧୯୨୮ ମସିହାରେ ଆବିଷ୍କୃତ ରମଣ ପ୍ରଭାବକୁ ଚିହ୍ନିତ କରିବା ଉଦ୍ଦେଶ୍ୟ ନେଇ ୧୯୮୭ ମସିହାରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଆସୁଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି **"ବିଜ୍ଞାନରେ ମହିଳା: ବିକଶିତ ଭାରତ ସ୍ୱପ୍ନକୁ ଗତିଶୀଳ କରିବା ।"** ରମଣ ପ୍ରଭାବ ଆବିଷ୍କାର ପାଇଁ ସାର୍ ସି.ଭି.ରମଣଙ୍କୁ ନୋବେଲ ପୁରସ୍କାର ମିଳିଥିଲା ।

Boudh

## ଜିଲ୍ଲା—ବିଜ୍ଞାନ ଦିବସ ଆଦର୍ଶ

ଭୁବନେଶ୍ୱର ଅନ୍ଧାରୁଆ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ୨୦୨୬ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ

ଶିକ୍ଷାବିତ୍ ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ବିଜ୍ଞାନରେ ମହିଳା: ବିକଶିତ ଭାରତର ଅନୁପ୍ରେରକ'। ଏହି ଅବସରରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ।

ବୌଦ୍ଧ ଜିଲ୍ଲାରେ ଏହି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ଡକ୍ଟର ପ୍ରବୀଣ କୁମାର ଦାସ ବିଜ୍ଞାନ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

I&PR

## ବୀର ସୁରେନ୍ଦ୍ର ସାଏ ପୁଣ୍ୟତିଥି

ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟତିଥିରେ ତାଙ୍କୁ ଦେଶବ୍ୟାପୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି। ଓଡ଼ିଶା ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ନେତାମାନେ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

CTC

## ଆଇନ ସଚେତନତା କାର୍ଯ୍ୟକ୍ରମ

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ କାଠଯୋଡ଼ି ବିହାର ବସ୍ତିରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଅତିଥିଭାବେ ଯୋଗଦେଇ ବିସ୍ଥାପିତ ଶ୍ରମିକ ଓ ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।

Jajpur

## ଆଇନ ସଚେତନତା ସଭା

ଯାଜପୁର ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ ଯୋଗଦେଇ ଅଣସଂଗଠିତ ଶ୍ରମିକଙ୍କ ସମସ୍ୟା ଓ ତା'ର ସମାଧାନ, ବାଲ୍ୟ ବିବାହ ନିଷେଧ ସମ୍ପର୍କରେ ଆଲୋଚନା କରିଥିଲେ ।

Malkangiri

## ପ୍ରକଳ୍ପ ସମୀକ୍ଷା

ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଆଜି ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ କ୍ଷେତ୍ର ବୁଲି ଦେଖିବା ସହ ବିକାଶମୂଳକ

ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବିଧାୟକ ନୂତନ ନିର୍ମାଣାଧୀନ ଭୈରବ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଡି.ପି.ଆର୍ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Nayagarh

## ପ୍ଲାଷ୍ଟିକ ବର୍ଜନ

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ରାଲି ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ ବର୍ଜନ ପାଇଁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଛି।

Ganjam

## ଭୂତଳ ଜଳ– ଜିଲ୍ଲାସ୍ତରୀୟ କର୍ମଶାଳା

ଗଞ୍ଜାମ ଜିଲ୍ଲାର ନାକୁଇମ୍ ସୁପାରିସ ଓ ଭୂତଳ ଜଳ ପରିଚାଳନା ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି.କୀର୍ତ୍ତିବାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୂତଳ ଜଳ ସମ୍ପଦର ମାପ, ବୈଜ୍ଞାନିକ

ପଦ୍ଧତିରେ ପରିଚାଳନା ଏବଂ ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରିବା ନେଇ ଆଲୋଚନା ହୋଇଥିଲା ।

Jajpur

## ନିଯୁକ୍ତିମେଳା

ସ୍ଥାନୀୟ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଏନ୍.ସି. କଲେଜ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ି ଏବଂ ବୈଷୟିକ ଶିକ୍ଷା ଶେଷ କରିଥିବା ଛାତ୍ରଛାତ୍ରୀମାନଙ୍କ ଦକ୍ଷତାର ସଦୁପଯୋଗ କରିବା ପାଇଁ ଏଭଳି ମେଳା ଉପଯୁକ୍ତ ପ୍ଲାଟଫର୍ମ ବୋଲି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଯୋଗଦେଇ କହିଛନ୍ତି । ମେଳାରେ ମୋଟ୍ ୧ ହଜାର ୧୭୮ ଆଶାୟୀ ଯୁବକ ଯୁବତୀ ପଞ୍ଜୀକୃତ କରିଥିଲେ ।

Desk

## ଅମୃତବେଳା ସ୍ନାନଯୋଗ

ପବିତ୍ର ଗୋବିନ୍ଦ ଦ୍ୱାଦଶୀ ଅବସରରେ ଆଜି ମହାପ୍ରଭୁ ଗୋବିନ୍ଦ ମହୋଦଧିରେ ଦିବ୍ୟସ୍ନାନ କରିଛନ୍ତି । ପୂର୍ବାହ୍ନ ୧୦ଟା ୧୮ ମିନିଟ୍‌ରୁ ଦିନ

ଗୋଟାଏ ପର୍ଯ୍ୟନ୍ତ ପୁରୀ ମହୋଦଧିରେ  ଅମୃତବେଳା ସ୍ନାନଯୋଗରେ ବହୁ ସାଧୁସନ୍ଥ ଓ ଭକ୍ତମାନେ ସ୍ନାନ କରିଛନ୍ତି । ମହୋଦଧିରେ ବରୁଣ ପୂଜା ଓ ଆଳତିପରେ ସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ମହୋଦଧିରେ ସ୍ନାନକଲେ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ।